# ଇରାନର ରାଷ୍ଟ୍ରପତି ଓ ବୈଦେଶିକ ମନ୍ତ୍ରୀଙ୍କ ଦୁଃଖଦ ମୃତ୍ୟୁରେ ଭାରତରେ ଦିନିକିଆ ଜାତୀୟ ଶୋକ ପାଳନ ଘୋଷଣା

ମଇ 20, 2024

ଇସଲାମିକ୍ ରିପବ୍ଲିକ୍ ଅଫ୍ ଇରାନର ରାଷ୍ଟ୍ରପତି ଡ. ସୟଦ ଇବ୍ରାହିମ ରାଇସି ଏବଂ ବୈଦେଶିକ ମନ୍ତ୍ରୀ ହୋସେନ୍ ଆମିର-ଅବଦୋଲ୍ଲାୟାନଙ୍କ ବିମାନ ଦୁର୍ଘଟଣାରେ ଦୁଃଖଦ ମୃତ୍ୟୁ ପରିପ୍ରେକ୍ଷିରେ ଭାରତ ସରକାର ଆସନ୍ତାକାଲି, 21 ମଇ 2024ରେ ଏକ ଦିନିକିଆ ଜାତୀୟ ଶୋକ ଘୋଷଣା କରିଛନ୍ତି । ଏହି ଶୋକ ଦିବସ ଅବସରରେ ସମଗ୍ର ଭାରତରେ ନିୟମିତ ଭାବେ ଜାତୀୟ ପତାକା ଉଡ଼ାଯାଉଥିବା ବିଲ୍ଡିଂରେ ଜାତୀୟ ପତାକା ଅଧନମିତ ଭାବେ ଉଡ଼ାଯିବ ଏବଂ ସେହି ଦିନ କୌଣସି ସରକାରୀ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯିବ ନାହିଁ ।.

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍. ଜୟଶଙ୍କର ଇରାନର ରାଷ୍ଟ୍ରପତି ଡ. ସୟଦ ଇବ୍ରାହିମ ରାଇସି ଏବଂ ବୈଦେଶିକ ମନ୍ତ୍ରୀ ହୋସେନ୍ ଆମିର-ଅବଦୋଲ୍ଲାୟାନଙ୍କ ମୃତ୍ୟୁରେ ସମବେଦନା ଜଣାଇଛନ୍ତି । ସେମାନଙ୍କ ଶୋକ ବାର୍ତ୍ତାରେ ସେମାନେ ଭାରତ-ଇରାନ ସମ୍ପର୍କକୁ ମଜବୁତ କରିବାରେ ଦୁଇ ନେତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଉଲ୍ଲେଖ କରିଛନ୍ତି ।

**ନୂଆଦିଲ୍ଲୀ**
**ମଇ 20, 2024**